## ସଂରକ୍ଷିତ ଜଙ୍ଗଲରେ ୨୩ ହାତୀ

ଯୋଡ଼ା,(ଡି.ଏନ.ଏ.): କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଯୋଡା ସେକ୍ସନ ଅନ୍ତର୍ଗତ ମନମରା ବୈତରଣୀ ସଂରକ୍ଷିତ ଜଙ୍ଗଲରେ ୨୩ଟି ହାତୀ ବିଚରଣ କରୁଥିବା ବନ ବିଭାଗ ସୂତ୍ରରୁ ଖବର ହସ୍ତଗତ ହୋଇଛି । ଗୁରବାର ଭୋର୍‌ରୁ ଝାଡଖଣ୍ଡ ରାଜ୍ୟରୁ ଆସି ଚମ୍ପୁଆ ରେଞ୍ଜ୍‌ର ବିଭିନ୍ନ ସ୍ଥାନରେ ଏହି ହାତୀମାନେ ଉପଦ୍ରବ ଚଳାଇଛନ୍ତି। ବୈତରଣୀ (ଖ) ସଂରକ୍ଷିତ ଜଙ୍ଗଲର ମନମରା ଠାରେ ଏହି ହାତୀପଲ ରହିଥିବା ଯୋଡ଼ା ବନପାଳ ଅନିରୁଦ୍ଧ ପଣ୍ଡା ସୂଚନା ଦେଇଛନ୍ତି। ଏହି ହାତୀପଲରେ ୩ ଦନ୍ତା, ୧୨ ମାଈ, ୮ ଛୁଆ ହାତୀ ଅଛନ୍ତି। ହାତୀପଲଙ୍କ ଗତିବିଧି ଉପରେ ଯୋଡ଼ା ବନ ବିଭାଗ କଡା ନଜର ରଖିଛି ।



### ସଂକ୍ଷେପରେ

## ପୋଖରୀରେ ବୁଡ଼ି ୨ ଶିଶୁ ମୃତ

ପାଟଣା, ୧୭(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକର ପୃଥକ୍ ସ୍ଥାନରେ ପୋଖରୀରେ ବୁଡ଼ି ୨ ଶିଶୁପୁତ୍ର ପ୍ରାଣ ହରାଇଛନ୍ତି। ଉପାନ୍ତ ଅଞ୍ଚଳ ପଲାଣି ଘାଟ ପଞ୍ଚାୟତ ସଡ଼ଙ୍ଗବାହାଳୀ ଗ୍ରାମରେ ବୁଧବାର ସନ୍ଧ୍ୟାରେ ତ୍ରିଶାନଦିପ ମୁଣ୍ଡା ନାମକ ଜଣେ ଶିଶୁପୁତ୍ର ପୋଖରୀରେ ବୁଡ଼ିଯିବାରୁ ତାର ମୃତ୍ୟୁ ଘଟିଛି। ବୁଧବାର ସନ୍ଧ୍ୟାରେ ଗାଁ ଦାଣ୍ଡରେ ଖେଳୁଥିବା ବେଳେ ସେ ପୋଖରୀ ପାଣିରେ ପଶି ଯାଇଥିଲା। ପରିବାର ଲୋକେ ବହୁ ଖୋଜା ଖୋଜି କରିବା ପରେ ଗୁରୁବାର ସକାଳୁ ପୋଖରୀ ଭିତରେ ଶିଶୁ ପୁତ୍ରର ମୃତଦେହ ଦେଖି ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଘଟଗାଁ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୦/୨୧) ରୁଜୁ କରି ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେହିପରି ପାଟଣା ବ୍ଲକ ରାଜନଗର ପଞ୍ଚାୟତ ନୂଆଗାଁ ଗ୍ରାମର ତେଲିବନ୍ଧ ସାହିରେ ସୁନୀଲ ମୁଣ୍ଡା ନାମକ ଶିଶୁ ପୁତ୍ର ପୋଖରୀରେ ବୁଡ଼ି ପ୍ରାଣ ହରାଇଛି। ସେ ହେଲେ ଶତ୍ରୁଘନ ମୁଣ୍ଡା ଓ ଝିଲ୍ଲୀ ମୁଣ୍ଡାଙ୍କ ୨ବର୍ଷର ଶିଶୁପୁତ୍ର।

## ଧୂଷୁରୀରେ ଖୋଲିଲା ବନ୍ୟା ନିରୀକ୍ଷଣ କକ୍ଷ

ଭଦ୍ରକ ଅଫିସ,୧୭: ବହୁ ପ୍ରତୀକ୍ଷିତ, ପୂର୍ବ ପ୍ରସ୍ତାବିତ ଧୂଷୁରୀ ସ୍ଥିତ ଗାନ୍ଧୀଘାଟ ଜଳସେଚନ କାର୍ଯ୍ୟାଳୟଠାରେ ବନ୍ୟା ନିରୀକ୍ଷଣ କକ୍ଷ ଓ ଅତିଥି ବିଶ୍ରାମାଗାର ଏମ୍‌ପି ମଞ୍ଜୁଲତା ମଣ୍ଡଳଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଅନ୍ୟତମ ଅତିଥି ଭାବେ ଓଡ଼ିଶା ଜଳସେଚନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଜ୍ୟୋତିର୍ମୟ ରଥ, ମୁଖ୍ୟଯନ୍ତ୍ରୀ ଇଂ. ଭକ୍ତଚରଣ ମହାନ୍ତି, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଧାମନଗର ପଞ୍ଚାୟତ ସମିତି ଅଧକ୍ଷ ଅଶୋକ କୁମାର ନାୟକ ଓ ଯାଜପୁର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ଧନେଶ୍ୱର ସାମଲ ଯୋଗ ଦେଇଥିଲେ। ଏହି ଅବସରରେ ସେଠାରେ ଅତିଥି ବିଶ୍ରାମଗାର ଉଦ୍‌ଘାଟିତ ହୋଇଛି। ଆଗାମୀ ଦିନରେ ବହୁ ପ୍ରତୀକ୍ଷିତ ବହୁମୁଖୀ କୋଚିଳା ବ୍ୟାରେଜ୍ ଖୁବ୍‌ଶୀଘ୍ର ପ୍ରତିଷ୍ଠା ହେବ ବୋଲି ଏମ୍‌ପି ପ୍ରକାଶ କରିଥିଲେ।

# ଉତ୍ତେଜନା, ଫୋର୍ସ ମୁତୟନ

ବୈଶିଙ୍ଗା,୧୭(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ବଡ଼ଗୋପାଳପୁରଠାରେ ଥିବା କୈଳାସ ଫିସରୀ ପକ୍ଷରୁ ରିଜର୍ଭ ଜଙ୍ଗଲ ଅଞ୍ଚଳରେ ଗଛ କାଟି ରାସ୍ତା ତିଆରି କରିବାକୁ ନେଇ ବୁଧବାର ସନ୍ଧ୍ୟାରେ ଗଣ୍ଡଗୋଳ ଘଟିଥିଲା। ଏଥିରେ ଭାଜପାର ସାଧାରଣ ସମ୍ପାଦକ ଚନ୍ଦ୍ରହାସ୍ୟ ପାଣିଗ୍ରାହୀ ଗୁରୁତର ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହାର ପ୍ରତିବାଦରେ ପ୍ରାୟ ୨୦୦ରୁ ଅଧିକ ଗ୍ରାମବାସୀ ଧାରଣାରେ ବସି ରହିବା ସହ କୈଳାସ ଫିସରୀ ମାଲିକ ମନୋରଞ୍ଜନ ସାହୁ ଏବଂ ତାଙ୍କର ଦୁଇ ପୁଅ ଅକ୍ଷୟ ଓ ସଞ୍ଜୀୟଙ୍କୁ ଗିରଫ କରିବା ପାଇଇ ଦାବି କରିଥିଲେ। ସୂଚନାଯୋଗ୍ୟ ଯେ, ଉତ୍ତେଜିତ ଗ୍ରାମବାସୀ ବୁଧବାର ୨ଟି କାର୍ ଓ ଦୁଇଟି ବାଇକ୍‌ରେ ନିଆଁ ଲଗାଇ ଦେଇଥିଲେ।

ଏ ସଂକ୍ରାନ୍ତରେ ଗୁରୁବାର ଆହତ

### ଭାଜପା ନେତାଙ୍କୁ ଆକ୍ରମଣ ଘଟଣା

ଚନ୍ଦ୍ରହାସ୍ୟ ପାଣିଗ୍ରାହୀଙ୍କ ବାପା ପ୍ରଫୁଲ୍ଲ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ୮ ଜଣ ଦୁର୍ବୃତ୍ତ ବିଭିନ୍ନ ମାରଣାସ୍ତ୍ର ଧରି ତାଙ୍କ ପୁଅକୁ ଆକ୍ରମଣ କରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ପୋଲିସ ଏକ ମାମଲା(ନଂ. ୧୯୯/ ୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ଉତ୍ତେଜନା ଲାଗି ରହିଥିବାରୁ ଘଟଣାସ୍ଥଳରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଗୁରୁବାର ଅପରାହ୍ନରେ ବାରିପଦା ସଦର ଉପଜିଲାପାଳ ଅନନ୍ୟା ଦାସ, ବେତନଟୀ ପୋଲିସ ଏସ୍‌ଡିପିଓ ଲଳିତ କୁମାର ପଟ୍ଟନାୟକ, ଡିଏସ୍‌ପି ଲକ୍ଷ୍ମୀଧର ସ୍ୱାଇଁ ଏବଂ ଅନ୍ୟାନ୍ୟ ଉଚ୍ଚପଦସ୍ଥ ଅଧିକାରୀ ଘଟଣାସ୍ଥଳକୁ ଯାଇ ଅନୁସନ୍ଧାନ କରି ଫେରିଛନ୍ତି।

## ହାତୀ ପାଇଁ ରାତି ଅନିଦ୍ରା

ବାରିପଦା ଅଫିସ, ୧୭

ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜ ଅଧୀନ ଛାତନା ଗ୍ରାମରେ ହାତୀ ଉପଦ୍ରବ ଦେଖା ଦେଇଛି। ଗତ କିଛି ହେଲା ନିକଟସ୍ଥ ଜଙ୍ଗଲରେ ୧୮ଟିକିଆ ହାତୀପଲ ରହୁଥିବା ବେଳେ ରାତିରେ ସେମାନେ ଗାଁ ମୁହାଁ ହୋଇ ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। ବୁଧବାର ବିଳମ୍ବିତ ରାତିରେ ହାତୀ ପଲ ଛାତନା ଗ୍ରାମରେ ପଶି ବିଶ୍ୱରଞ୍ଜନ ମହାନ୍ତ, ଯୋଗେଶ୍ୱର ଭକ୍ତା, ଧନ୍ଦ ଭକ୍ତା, ଚନ୍ଦୁ ସୋରେନଙ୍କ ଘର ଭାଙ୍ଗି ଦେଇଥିବା ବେଳେ ଘରୁ ଧାନ, ଚାଉଳ ବସ୍ତାକୁ ଟାଣି ନେଇ ଖାଇ ଦେଇଛନ୍ତି। ସେହିପରି ପର୍ଶୁରାମ ମହାନ୍ତଙ୍କ ବ୍ୟାପକ ଧାନ ଫସଲ ମଧ୍ୟ ନଷ୍ଟ କରିଛନ୍ତି। ସପ୍ତାହକ ମଧରେ ହାତୀପଲ ଛାତନା ପଞ୍ଚାୟତର ୭ରୁ ଅଧିକ ଗ୍ରାମରେ ଘର ଭାଙ୍ଗିବା ସହ ବ୍ୟାପକ କ୍ଷୟକ୍ଷତି କରିଛନ୍ତି । ବନ ବିଭାଗ ହାତୀପଲକୁ ଘଉଡ଼ାଇବାକୁ ପଦକ୍ଷେପ ନେଉ ନ ଥିବାରୁ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏପରିକି ରାତି ଅନିଦ୍ରା ହୋଇ ଗାଁ ମୁଣ୍ଡରେ ନିଆଁ ଜାଳି ହାତୀପଲକୁ ଜଗି ରହୁଛନ୍ତି। ବନ ବିଭାଗ ହାତୀପଲ ଘଉଡ଼ାଇବା ସହ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି।

# ବାଲି ସଇରାତ ନିଲାମ ବାତିଲ ଦାବିରେ ଗଣଧାରଣା



ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନକାରୀ।

ଭଣ୍ଡାରିପୋଖରୀ,୧୭(ଡି.ଏନ.ଏ)

ବୈତରଣୀ ନଦୀର ବାମପାର୍ଶ୍ୱ ନଦୀବନ୍ଧ, ବାଲିପୋଖରୀ ଏସ୍‌କେପ୍‌ର ସୁରକ୍ଷା ପାଇଁ ଜଗନ୍ନାଥପ୍ରସାଦ ବାଲି ସଇରାତ ନିଲାମ ବାତିଲ ଦାବିରେ ଭଣ୍ଡାରିପୋଖରୀ ଆଞ୍ଚଳିକ ବନ୍ୟା ବିପର୍ଯ୍ୟସ୍ତ ସୁରକ୍ଷା କମିଟି ପକ୍ଷରୁ ଗୁରୁବାରଠାରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି। କମିଟି ଆବାହକ ଅକ୍ଷୟ କୁମାର ତ୍ରିପାଠୀ ଏହାର ନେତୃତ୍ୱ ନେଇଛନ୍ତି। ଏସ୍‌କେପ୍‌ର ସୁରକ୍ଷା ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଥିଲେ ମଧ୍ୟ ପ୍ରତିଶ୍ରୁତିରେ ଅଟକି ରହୁଛି। ୨୦୧୩ରେ ଜଳସମ୍ପଦ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସୁରକ୍ଷା ମଞ୍ଚ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ସ୍ଥଗିତ ରଖାଯାଇଥିଲା। ଏକ ଉଚ୍ଚସ୍ତରୀୟ କମିଟି କରି ସରଜମିନ ତଦନ୍ତ ରିପୋର୍ଟ ପ୍ରଦାନ କରିଥିଲେ ସୁଦ୍ଧା କାର୍ଯ୍ୟକାରୀ ହେଲା ନାହିଁ। ଫଳରେ ୨୦୧୬ରେ ଏକ ଖବରଦାତା ସମ୍ମିଳନୀ କରାଯାଇ ପୁନର୍ବାର ଗଣଧାରଣା ଦିଆଯାଇଥିଲା। ତତ୍କାଳୀନ ଜଳସମ୍ପଦ ସଚିବ ପ୍ରଦୀପ କୁମାର ଜେନା ଧରଣାରତ ସୁରକ୍ଷା ମଞ୍ଚ ସଭ୍ୟମାନଙ୍କର ୫ ଜଣିଆ କମିଟି ଡକାଇ ଦାବି ସମ୍ପର୍କରେ ବୁଝିବା ସହ ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ ପ୍ରତିଶ୍ରୁତିରେ ରହିଯାଇଛି ବୋଲି ଗଣଧାରଣାରେ କୁହାଯାଇଛି।

୨୦୦୧ରେ ବାଲି ସଇରାତ ନିଲାମକୁ ଜଳସମ୍ପଦ ବିଭାଗ ବିନା ଅନୁମତିରେ ତହସିଲଦାର କରିଥିବା କାରଣରୁ ଉଚ୍ଚ ନ୍ୟାୟାଳୟ ରଦ୍ଦ କରିଥିଲେ। ଏବେ ସଇରାତ ନିଲାମ ବାତିଲ ଦାବି କରି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯାଇଛି। ଭଦ୍ରକ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଭଣ୍ଡାରିପୋଖରୀ ତହସିଲଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରିନାରାୟଣ ଧଳ, ଜିଲା କଂଗ୍ରେସ କମିଟି ସଭାପତି ସୁବ୍ରତ ଦାସ, ମଞ୍ଚ ସଭାପତି ସୁଧୀର ଚନ୍ଦ୍ର ଜେନା, ପଞ୍ଚାୟତ ସମିତି ଅଧକ୍ଷା ମଞ୍ଜୁଶ୍ରୀ ବେହେରା, ଉପାଧକ୍ଷ ସତ୍ୟବ୍ରତ ଦାସ, ରଜନୀକାନ୍ତ ଚନ୍ଦ, ବିଜୟ ଶଙ୍କର ମହାନ୍ତି, ପ୍ରଶାନ୍ତ ସାହୁ, ମନୋଜ ନାୟକ, ରମେଶ ଭାରତୀ, ମଧୁସୂଦନ ଦତ୍ତ, ସତ୍ୟନାରାୟଣ ମହାପାତ୍ର, ଧରିତ୍ରୀ ଜେନା ପ୍ରମୁଖ ଧାରଣାରେ ସାମିଲ ହୋଇଛନ୍ତି।

## ବଜ୍ରପାତରେ ଚାଷୀଙ୍କ ଜୀବନ ଗଲା

ବାସୁଦେବପୁର,୧୭ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କିଷ୍ମତକୃଷ୍ଣପୁର ଗ୍ରାମର ଚାଷୀ କୃଷ୍ଣଚନ୍ଦ୍ର ରାଉତ(୫୭)ଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନରେ କୃଷ୍ଣଚନ୍ଦ୍ର ବିଲକୁ ଯାଇଥିବା ବେଳେ ବଜ୍ରପାତରେ ସଂଜ୍ଞାହୀନ ହୋଇପଡ଼ିଥିଲେ। ତାଙ୍କୁ ବାସୁଦେବପୁର ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନାୟକାଣିଡିହୀ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି।

## ବିଦ୍ୟୁତ ସଂସ୍ପର୍ଶରେ ଶ୍ରମିକ ମୃତ

ଝୁମ୍ପୁରା, ୧୭ (ଡି.ଏନ.ଏ.)

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ୍ ବାରିଆ ଥାନା ଅନ୍ତର୍ଗତ ଉଖୁଣ୍ଡା ବଜାରରେ ଥିବା ଗଣପତି ଫେବ୍ରିକେଶନ ୱାର୍କଶପ୍‌ରେ ଗୁରୁବାର ଅପରାହ୍ନରେ ବିଦ୍ୟୁତ ଆଘାତ ଯୋଗୁ ୱେଲଡିଂ ଅପରେଟର ଭାବେ କାର୍ଯ୍ୟ କରୁଥିବା ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ହେଲେ ବିଶେଶ୍ୱର ମହାନ୍ତ। ତାଙ୍କ ଘର ଟୁକୁଡିହା ପଞ୍ଚାୟତର ଚଟିରି ସାହିରେ। ବାରିଆ ପୋଲିସ ମାମଲା (ନଂ.୧୩/୨୦୨୧) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର

ବାହାନଗା,୧୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ଲୋକକଳା, ଓଡ଼ିଆ ଭାଷା ସାହିତ୍ୟ ଓ ସମାଜ ସେବା କଲ୍ୟାଣ ସଂଘ ପକ୍ଷରୁ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ରଙ୍କୁ ୧୦ଦଫା ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ଭାବେ ମହାପାତ୍ର ଦାୟିତ୍ୱ ଗ୍ରହଣ କରିଥିବା ବେଳେ ତାଙ୍କୁ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଜିଲା ସମ୍ପାଦକ ଗଜେନ୍ଦ୍ର ଯେନା, ଜିଲା ସଂଘର କୋଷାଧକ୍ଷ ମଧୁସୂଦନ ପାଢ଼ୀ, ଜିଲା ସଂଗଠକ ଅଜୟ କୁମାର ବାରିକ୍, ସଦସ୍ୟ ଫକୀର ଚରଣ ଗିରିଙ୍କ ସମେତ ୧୨ଟି ବ୍ଲକର ସଂଘ ସଭାପତି ଅଜୟ କୁମାର ଦାସ, ପ୍ରଦୀପ୍ କୁମାର ମହାପାତ୍ର, ରବୀନ୍ଦ୍ର କୁମାର ଧାମୁଡିଆ, ବିଜୟ କୁମାର ବାରିକ୍ , କିଶୋର ଚନ୍ଦ୍ର ବେହେରା,ଦିଲ୍ଲୀପ କୁମାର ମହାନା ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ ।

## ପୌରପାଳିକା କାର୍ଯ୍ୟାଳୟ ଘେରାଉ

ବାସୁଦେବପୁର, ୧୭ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ନଗର କଂଗ୍ରେସ ପକ୍ଷରୁ ଗୁରୁବାର ୩ ଦଫା ଦାବି ନେଇ ପୌରପାଳିକା କାର୍ଯ୍ୟାଳୟ ଘେରାଉ କରାଯିବା ସହ ଦଳୀୟ ନେତୃମଣ୍ଡଳୀ ଓ କର୍ମୀମାନେ ଧାରଣା ଦେଇଥିଲେ। କରୋନା ସମୟରେ ଲୋକଙ୍କ ପାଇଁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ରିଲିଫ୍ ଚାଉଳରୁ କାଣ୍ଟଛାଣ୍ଟ, ବିଭାଗୀୟ ଅଧିକାରୀଙ୍କଠାରେ ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା, ୟାସ୍ ବାତ୍ୟା ବେଳେ ପୌରପାଳିକାର କ୍ଷତିଗ୍ରସ୍ତ ୱାର୍ଡ଼ ଓ ହିତାଧିକାରୀଙ୍କ ପାଇଁ ଆସିଥିବା ରିଲିଫ ଚାଉଳ ବଣ୍ଟା ନ ହୋଇ ପଡ଼ିରହିବା, ବର୍ଷାଋତୁ ଆସୁଥିଲେ ମଧ ପୌରପାଳିକାର ଡ୍ରେନ୍‌ଗୁଡ଼ିକୁ ସଫା କରା ନ ଯିବା ଓ ପୋତି ପକାଯାଉଥିବା ନୟନଯୋରୀର ମୁହଁ ଖୋଲା ନ ଯିବା, ପୌରପାଳିକାର ଅଚଳ ହୋଇପଡ଼ିଥିବା ଷ୍ଟ୍ରିଟ୍‌ଲାଇଟକୁ ସଜଡ଼ା ନ ଯିବା ପ୍ରତିବାଦରେ ଧାରଣା ଦିଆଯାଇଥିବା କଂଗ୍ରେସ ପକ୍ଷରୁ କୁହାଯାଇଥିଲା। ଦଳୀୟ ନେତା ଅଶୋକ ଦାସଙ୍କ ନେତୃତ୍ୱରେ ବ୍ଲକ କଂଗ୍ରେସ କମିଟି ସଭାପତି ରମେଶ ଚନ୍ଦ୍ର ବଳ, ନଗର ସଭାପତି ଭକ୍ତରଞ୍ଜନ ପଟ୍ଟନାୟକ, ପୂର୍ବତନ କାଉନସିଲର ତୋହିଦ ଖାଁ, ପ୍ରବୋଧ ଦାସ, ବିଜୟ କୁମାର ମହାନ୍ତି ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଅପରାହ୍ନରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ମହିଳାଙ୍କୁ ପୋଡ଼ି ହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

ହିଞ୍ଜିଳିକାଟୁ,୧୭(ଡି.ଏନ.ଏ.)

ହିଞ୍ଜିଳିକାଟୁ ପୋରାଞ୍ଚଳର ୧୬ ନଂ. ୱାର୍ଡ ଶ୍ରୀକ୍ଷେତ୍ର ମାର୍ଗ ୨ୟ ଲାଇନରେ ଗୁରୁବାର ଜଣେ ମହିଳାଙ୍କୁ ଶାଶୁ ଘର ଲୋକେ ନିଆଁ ଲଗାଇ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ମହିଳା ହେଲେ ଆର. ରାଣୀ ଦୋରା(୩୫)। ରାଣୀଙ୍କ ଭାଇ ହିଞ୍ଜିଳିକାଟୁ ଗଜପତି ନଗରର ପି. ଶଙ୍କର ରାଓଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୩୪୫/୨୧ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ସ୍ୱାମୀଙ୍କୁ ଅଟକ ରଖିଛି। ଗୁରୁବାର ସକାଳେ ଖବରପାଇ ପୋଲିସ ରାଣୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ତାଙ୍କ ବାରିପଟୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ପଠାଇଥିଲା। ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ଉମା ଶଙ୍କର ସିଂ ଏବଂ ଫରେନସିକ ଟିମ ପହଞ୍ଚି ତଦନ୍ତ କରିଛି।

# ସ୍ତ୍ରୀଙ୍କ ମୃତଦେହ ବୋହିଲେ ସ୍ୱାମୀ

ଫୁଲବାଣୀ ଅଫିସ, ୧୭

କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମେଡିସିନି ୱାର୍ଡର ଦ୍ୱିତୀୟ ମହଲାରୁ ସ୍ତ୍ରୀଙ୍କ ମୃତଦେହକୁ ସ୍ୱାମୀ ଏକା ଟେକି ଟେକି ମହାପ୍ରୟାଣ ଗାଡିକୁ ଆଣିଛନ୍ତି। ମେଡିକାଲ ବାରଣ୍ଡାରେ ସେମାନଙ୍କ ନିଷ୍ପାପ ଶିଶୁଟି ପଡ଼ିରହି କାନ୍ଦୁଥିଲେ ମଧ କେହି ବି ସହଯୋଗ କରିନାହାନ୍ତି। ଏହି ଘଟଣାକୁ ନେଇ ଜିଲାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ତଦନ୍ତ ଆରମ୍ଭ ହୋଇଛି।

ଫିରିଙ୍ଗିଆ ବ୍ଲକ ମୋତିଙ୍ଗିଆ ଗ୍ରାମର ରତ୍ନମତୀ କହଁରଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ସ୍ୱାମୀ ବାଳକୃଷ୍ଣ କହଁର ତାଙ୍କୁ ଫୁଲବାଣୀ ମେଡିକାଲକୁ ଆଣିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ

### ଡାକ୍ତରଖାନାରେ ସହଯୋଗ କଲେନି

ବୁଧବାର ଅପରାହ୍ନରେ ରତ୍ନମତୀଙ୍କ ମୃତ୍ୟୁ ଘଟିଥିଲା। ମୃତଦେହ ଘର ପର୍ଯ୍ୟନ୍ତ ପଠାଇବା ବ୍ୟବସ୍ଥା କରିବାକୁ ବାଳକୃଷ୍ଣ ମେଡିକାଲ କର୍ମଚାରୀଙ୍କୁ କହିଥିଲେ। ତାଙ୍କୁ ହେଲ୍ପଡେସ୍କ କର୍ମଚାରୀଙ୍କ ସହ କଥା ହେବାକୁ କୁହାଗଲା । ହେଲ୍ପ ଡେସ୍କରେ ଜଣାଇବାରୁ ମହାପ୍ରୟାଣ ଗାଡି ବ୍ୟବସ୍ଥା କଲେ। ହେଲେ ମୃତଦେହକୁ ଆଣିବାରେ ସହଯୋଗ କରିବାକୁ ଭୁଲିଗଲେ । ଏକ ଷ୍ଟ୍ରେଚରେ ରତ୍ନମତୀଙ୍କ ମୃତଦେହ ଥିବା ୱାର୍ଡ ବାହାରେ ଥୋଇଦେଇ ଆସିଲେ । ବାଳକୃଷ୍ଣ ବହୁ ଚେଷ୍ଟା କରି ମୃତଦେହକୁ ଏକା ଦୁଇ ହାତରେ ଧରି ପାହାଚ



ଓହ୍ଲାଇଥିଲେ। ସମସ୍ତେ ଏହା ଦେଖୁଥିଲେ ମଧ କେହି ସହଯୋଗ କରିବାକୁ ଆସି ନ ଥିଲେ। ଏହି ଦୃଶ୍ୟ ଭାଇରାଲ ହେଇଥିଲା। ହସ୍ପିଟାଲ ମ୍ୟାନେଜର ବିଜୟ ମହାନ୍ତ ଏହି ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି। ହେଲ୍ପ ଡେସ୍କରେ ଠିକ୍ ଭାବେ କାମ କରାଯାଇନାହିଁ ବୋଲି ସେ କହିଛନ୍ତି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ରାଜ୍ୟଶ୍ରୀ ପଟ୍ଟନାୟକଙ୍କୁ ପଚାରିବାରେ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ତାହାର ତଦନ୍ତ ଚାଲିଛି। ଯେଉଁମାନେ ଏଥିରେ ସଂଶ୍ଳିଷ୍ଟ ଥିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଜିଲା ଯୁବ କଂଗ୍ରେସ ସଭାପତି ବସନ୍ତ ପାଢ଼ୀ ଅସନ୍ତୋଷ ପ୍ରକାଶ କରି କହିଛନ୍ତି ଯେ, ବହୁ ଦିନ ଧରି ଏଠାରେ କର୍ମଚାରୀମାନେ କାର୍ଯ୍ୟ କରୁଛନ୍ତି। ସେମାନଙ୍କର ବଦଳି ହେଉ ନ ଥିବାରୁ ମନମୁଖି କାର୍ଯ୍ୟ କରାଯାଉଛି। ଆଗାମୀ ଦିନରେ ଏସବୁ ସମସ୍ୟାକୁ ନେଇ ଯୁବ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ପାଢ଼ୀ କହିଛନ୍ତି।

## ପୂର୍ବତନ ବିଧାୟକ କରୋନା ସଂକ୍ରମିତ

ବାଲିଗୁଡ଼ା,୧୭(ଡି.ଏନ୍.ଏ.)

ବାଲିଗୁଡ଼ା ନିର୍ବାଚନମଣ୍ଡଳୀର ପୂର୍ବତନ ଭାଜପା ବିଧାୟକ କରେନ୍ଦ୍ର ମାଝୀ ବୁଧବାର କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେ ଏବେ ଭୁବନେଶ୍ୱରସ୍ଥିତ ଏମ୍‌ସରେ ଭର୍ତ୍ତି ହୋଇଛନ୍ତି। ଶୁଭେଚ୍ଛୁ ଓ ସମର୍ଥକମାନେ କରେନ୍ଦ୍ରଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଗତ ସପ୍ତାହରେ ଥଣ୍ଡା କାଶ ହେବାରୁ କରେନ୍ଦ୍ର ପ୍ରଥମେ ଆଣ୍ଟିଜେନ ଟେଷ୍ଟ କରାଇଥିଲେ। ରିପୋର୍ଟ ନେଗେଟିଭ ଆସିଥିବା ବେଳେ ଆର୍‌ଟି-ପିସିଆରରେ ପଜିଟିଭ ଆସିଛି। କରେନ୍ଦ୍ର ୨୦୦୪-୨୦୦୯, ୨୦୦୯-୨୦୧୪ ବାଲିଗୁଡା ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଏବେ ସେ କନ୍ଧମାଳ ଜିଲା ଭାଜପା ସଭାପତି ଅଛନ୍ତି।

## ବଳଦ ବଦଳରେ ଚାଷୀ ଟାଣୁଛନ୍ତି ହଳ ଲଙ୍ଗଳ


ହଳ ଲଙ୍ଗଳ ଟାଣୁଥିବା ଦୁଇ ଚାଷୀ।

କାଶୀନଗର,୧୭(ଡି.ଏନ୍.ଏ.)

ସଦାସର୍ବଦା ଚାଷ ଓ ଚାଷୀଙ୍କର ହିତ ପାଇଁ ସରକାର ଚିନ୍ତା କରୁଥିବା କହୁଛନ୍ତି। ଚାଷୀଙ୍କ ହିତ ପାଇଁ କାଳିଆ ଭଳି ବହୁ ଯୋଜନା କାର୍ଯ୍ୟକାରୀ ହେଉଛି। କିନ୍ତୁ ବେଳେବେଳେ ଏଭଳି ଦୃଶ୍ୟ ସାମ୍ନାକୁ ଆସୁଛି, ଯାହା ବାସ୍ତବତାକୁ ପରିପ୍ରକାଶ କରିବା ସହ ସରକାରୀ ଯୋଜନାଗୁଡ଼ିକ ଚାଷୀଙ୍କ ପାଇଁ ଉପହାସ ସଦୃଶ ମନେହେଉଛି। ଗଜପତି ଜିଲା କାଶୀନଗର ଅଞ୍ଚଳରେ ଜଣେ ଚାଷୀ ନିଜ ଜମିରେ ବିହନ ବୁଣିବା ପାଇଁ ବଳଦ ନ ପାଇବାରୁ କାନ୍ଧରେ ଲଙ୍ଗଳ ବାନ୍ଧି ବଳଦ ଭଳି ଟାଣୁଛନ୍ତି। କରୋନା କଟକଣା ଯୋଗୁ ଆର୍ଥିକ ସ୍ଥିତି ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛି। ଚାଷ କାର୍ଯ୍ୟ ପାଇଁ ଅର୍ଥ ଅଭାବ ରହିଛି। ନିଜର ଟ୍ରାକ୍ଟର କିମ୍ବା ବଳଦ ନ ଥିବାରୁ ଅନ୍ୟର ବ୍ୟବହାର କଲେ ଭଡ଼ା ଦେବାକୁ ପଡିବ, ସେହି ଯାଗୁ ଏଭଳି କାର୍ଯ୍ୟ କରୁଛି ବୋଲି କହିଛନ୍ତି ଚାଷୀ। ଆଧୁନିକ ଯୁଗରେ ଚାଷ କାର୍ଯ୍ୟରେ ବ୍ୟବହାର ନିମନ୍ତେ ବହୁ ଯନ୍ତ୍ରପାତି ଯଥା ପାୱାର ଟିଲର, ଟ୍ରାକ୍ଟର ଆଦି ବ୍ୟବହାର କରାଯାଉଛି। ସରକାର ମଧ ଯନ୍ତ୍ରପାତି ବ୍ୟବହାର ନିମନ୍ତେ ଅନେକ ପ୍ରୋତ୍ସାହନ ଓ ସବ୍‌ସିଡି ପ୍ରଦାନ କରୁଛନ୍ତି। କିନ୍ତୁ ଏତେ ସବୁ ବ୍ୟବସ୍ଥା ଥାଇ ମଧ ଚାଷୀ ବଳଦ ଭଳି ହଳ ଟାଣି ଜମିରେ ଚାଷ କାର୍ଯ୍ୟ କରିବାର ଦୃଶ୍ୟ ବର୍ତ୍ତମାନ ଚର୍ଚ୍ଚାର ବିଷୟ ପାଲଟିଛି। ତାଙ୍କ ପାଖରେ କୌଣସି ସହାୟତା ପହଞ୍ଚି ନ ଥିବା ବେଳେ ତାହା କିଭଳି ପାଇବେ ଜାଣିନଥିବା କହିଛନ୍ତି। ସରକାରଙ୍କ ସମସ୍ତ ଯୋଜନା ଠିକ୍ ଭାବରେ କାର୍ଯ୍ୟକାରୀ ହେଉଛି। ଯଦି କିଛି ସେଭଳି ତ୍ରୁଟି ରହିଛି କିମ୍ବା କେହି ବଞ୍ଚିତ ଅଛନ୍ତି, ତେବେ ଅଧିକାରୀଙ୍କୁ ପଠାଇ ଯୋଜନାରେ ସାମିଲ କରିବା ପାଇଁ ପ୍ରଚେଷ୍ଟା କରାଯିବ ବୋଲି ଜିଲା କୃଷି ଅଧିକାରୀ ଫିରୋଜ ଆରା କହିଛନ୍ତି।

# 'ନୂଆ ଓଡ଼ିଶା ଗଠନରେ ଯୁବପିଢ଼ିର ଭୂମିକା ଗୁରୁତ୍ୱପୂର୍ଣ୍ଣ'

ଛତ୍ରପୁର/ଭଞ୍ଜନଗର/ପୁରୁଷୋତ୍ତମପୁର, ୧୭(ଡି.ଏନ୍.ଏ.)

ନୂଆ ଓଡ଼ିଶା ଗଠନରେ ଯୁବପିଢ଼ିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ଯୁବପିଢ଼ିଙ୍କ ବିକାଶ ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି। ଗୁରୁବାର ୫-ଟି ସଚିବ ଭି. କେ. ପାଣ୍ଡିଆନ୍ ଭିଡିଓ କନ୍‌ଫରେନ୍ସରେ ଗଞ୍ଜାମ ଜିଲାର ମନ୍ତ୍ରୀ, ବିଧାୟିକା, ବିଧାୟକ, ଜନପ୍ରତିନିଧି ଓ କ୍ରୀଡାବିତ୍‌ମାନଙ୍କ ସହ କଥା ହେବା ବେଳେ ଏହା କହିଛନ୍ତି। ସେ ଆହୁରି କହିଥିଲେ, ଗଞ୍ଜାମ ଜିଲା କରୋନା ମୁକାବିଲା ପାଇଁ ବିଶ୍ୱ ଦରବାରରେ ପ୍ରଶଂସିତ ହୋଇପାରିଛି। ମହାମାରୀ ସଂକ୍ରମଣ କମିନି। ତେଣୁ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ରକ୍ଷା ସହ କୋଭିଡ୍ ନିୟମ ମାନିବାକୁ ହେବ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲାରେ କ୍ରୀଡ଼ାର ଭିତ୍ତିଭୂମି ବିକାଶ ଲାଗି ଚେଷ୍ଟା କରି ଆସୁଛନ୍ତି। ଭଞ୍ଜନଗର, ଦିଗପହଣ୍ଡି, ଖଲ୍ଲିକୋଟ, ପୁରୁଷୋତ୍ତମପୁର ଓ


ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କୁ ଖେଳାଳିମାନେ ଦାବିପତ୍ର ପ୍ରଦାନ କରୁଛନ୍ତି ।

ଗୋପାଳପୁରଠାରେ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଭିଡିଓ କନ୍‌ଫରେନ୍ସ ଜରିଆରେ ୫-ଟି ସଚିବଙ୍କ ସହ ପୃଥକ୍ ଭାବେ ସ୍ଥାନୀୟ ଅଞ୍ଚଳର କ୍ରୀଡାବିତ୍, ଜନପ୍ରତିନିଧିମାନେ କଥା ହୋଇ ଅନୁରୋଧ କରିଛନ୍ତି। ବିଧାନସଭା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର, ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟଙ୍କୁ ପୃଥକ୍ ଭାବେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କ୍ରୀଡାବିତ୍‌ମାନେ ସ୍ମାରକପତ୍ର ପ୍ରଦାନ କରିଥିଲେ । ଏସବୁ ଅଞ୍ଚଳରେ ଜାତୀୟସ୍ତରରେ କ୍ରୀଡ଼ା ପ୍ରଦର୍ଶନ କରି ସୁନାମ ଅର୍ଜନ କରିଥିବା ଖେଳାଳି ଅଛନ୍ତି। ତେଣୁ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ଲାଗି ନିବେଦନ କରାଯାଇଛି। ଭଞ୍ଜନଗରର ପୂର୍ବତନ କାଉନ୍‌ସିଲର ସୁଜ୍ଞାନୀ କୁମାର ଗୌଡ, ଛାତ୍ରୀ କ୍ରୀଡାବିତ୍ ମୋନାଲିସା ମିଶ୍ର, ସନ୍ଧ୍ୟାରାଣୀ ମହାପାତ୍ର,

- ବିଧାୟିକା, ବିଧାୟକ, କ୍ରୀଡ଼ାବିତ୍‌ଙ୍କ ସହ କଥା ହେଲେ ୫-ଟି ସଚିବ
- ଗଞ୍ଜାମ ଜିଲାର ୫ ସ୍ଥାନରେ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ଅନୁରୋଧ

ଦିଗପହଣ୍ଡିର କୁମାରୀ ପାଣିଗ୍ରାହୀ, ଭାରତୀ ସାହୁ, ରୋଜାଲିନ୍ ମହାରଣା, ଶ୍ରୀମାଳି ମିଶ୍ର, ସଚ୍ଚିଦାନନ୍ଦ ପ୍ରଧାନ, ନିରୁପମା ପଟ୍ଟନାୟକ, ଖଲ୍ଲିକୋଟ ଆର୍‌ସିଏମ କଲେଜର ଟି. ଶିବାନନ୍ଦ ବ୍ରହ୍ମା, ପୂର୍ବତନ କାଉନସିଲର ସସ୍ମିତା ବେହେରା, ବୈଶାଳୀ ପଣ୍ଡା, ପୁଷ୍ପାଞ୍ଜଳି ପଣ୍ଡା, ଶ୍ରୀକାନ୍ତ ଗୌଡ, ପୁରୁଷୋତ୍ତମପୁରର ଅଞ୍ଜଳି ସାହୁ, ମଧୁସ୍ମିତା ଦାଶ, ସଦାଶିବ ପଣ୍ଡା, ଶାକମ୍ବରୀ ସାହୁ ଏବଂ ଗୋପାଳପୁରର ଜି. ମୋହନ ରାଓ, ପୂର୍ବତନ କାଉନସିଲର ଲିଜି ନାୟକ, ଦୀପାଞ୍ଜଳି ମହାନ୍ତି, ଏମ୍. ସୁବର୍ଣ୍ଣା ଓ ହେମନ୍ତ ସାହୁ ୫-ଟି ସଚିବଙ୍କ ସହ କଥା ହୋଇଥିଲେ।

## ଭୁଜାଲି ଦେଖାଇ ଟଙ୍କା, ବାଇକ୍ ଲୁଟ୍

ବେଗୁନିଆପଡ଼ା,୧୭(ଡି.ଏନ୍.ଏ.)

ଗଞ୍ଜାମ ଜିଲା ସୀମାନ୍ତ ତଥା ଖୋର୍ଦ୍ଧା ଜିଲା ବାଣପୁର ଥାନା ଅନ୍ତର୍ଗତ ଶାଳିଆ ଡ୍ୟାମ୍ ବାଘଡିଆଁ ମନ୍ଦିର ନିକଟ ପମ୍ପ ହାଉସ୍ ପାଖରେ ଭୁଜାଲି ଦେଖାଇ ଜଣଙ୍କଠାରୁ ଟଙ୍କା ଓ ବାଇକ୍ ଲୁଟ୍ ହୋଇଛି। କୋଦଳା ଥାନା ଅନ୍ତର୍ଗତ ଅଙ୍ଗାରଗାଁ ବୋରିଆ ସାହି ଗ୍ରାମର ନୀଳମଣି ବେହେରା ନିଜ କାମ ସାରି ବାଣପୁରରୁ ଗାଁକୁ ଫେରୁଥିଲେ। ବାଘଡିଆଁ ମନ୍ଦିର ନିକଟରେ ୬ ଜଣ ଯୁବକ ବାଇକ୍‌ରେ ଆସି ନୀଳମଣିଙ୍କ ବାଇକ୍‌କୁ ଅଟକାଇ ମାଡ଼ ମାରିବା ସହ ଭୁଜାଲି ଦେଖାଇ ଭୟଭୀତ କରିଥିଲେ। ତାଙ୍କଠାରୁ ୧୯୦୦ଟଙ୍କା, ଏଟିଏମ୍ କାର୍ଡ ଓ ବାଇକ୍‌କୁ ଛଡାଇ ନେଇ ଚମ୍ପଟ୍ ମାରିଥିଲେ। ଦୁର୍ବୃତ୍ତମାନେ ମାସ୍କ ପିନ୍ଧି ଥିବାରୁ ନୀଳମଣି ସେମାନଙ୍କୁ ଚିହ୍ନି ପାରି ନ ଥିଲେ। ଏ ସଂକ୍ରାନ୍ତରେ ନୀଳମଣି ବାଣପୁର ଥାନାରେ ଏତଲା ଦେଇଛନ୍ତି।

ଧରିତ୍ରୀ
DHARITRI
ଶୁକ୍ରବାର, ୨ ଜୁଲାଇ ୨୦୨୧

## ସ୍କର୍ପିଓ ଲୁଟ୍ ଘଟଣା: ୨ ଗିରଫ

ଯୋଡ଼ା,(ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡ଼ା ଥାନା ୫୨୦ ନମ୍ବର ଜାତୀୟ ରାଜପଥର ଲହଣ୍ଡାଠାରେ ଘଟିଥିବା ସ୍କର୍ପିଓ ଲୁଟ ଘଟଣାରେ ପୋଲିସ ଗୁରୁବାର ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଯୋଡା କୁନ୍ଦୁରୁନାଲାର ମୁନା ଓରାମ ଓ ମୁଖାଜୀ ହଟିଙ୍ଗର ସରୋଜ ପାତ୍ର। ଏହି ଘଟଣାରେ ଆଉ ଜଣେ ଅଭିଯୁକ୍ତ ଫେରାର ଥିବା ବିଲେଇପଦା ଫାଣ୍ଡି ଅଧିକାରୀ ଶେଖ ଆଜାରୁଦ୍ଦିନ ପ୍ରକାଶ କରିଛନ୍ତି। ଏ ନେଇ ଯୋଡ଼ା ଥାନାରେ ଏକ ମାମଲା (ନଂ.୧୦୮/୨୧) ରୁଜୁ ହୋଇଛି।



### ସଂକ୍ଷେପରେ

## ଆହତ ହରିଣ ଉଦ୍ଧାର



ସାରସକଣା,୧୭(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଚାଉଳଘେରୀ ଅଞ୍ଚଳରୁ ବନ ବିଭାଗ ଏକ ଆହତ ହରିଣକୁ ଉଦ୍ଧାର କରିଛି। ବାଟବଣା ହୋଇ ହରିଣଟି ଗାଁ ଭିତରକୁ ପଶି ଆସିଥିବା ବେଳେ ବୁଲା କୁକୁରମାନେ ତାକୁ ଆକ୍ରମଣ କରିଥିଲେ। ୱାର୍ଡମେମ୍ବର ବିଶ୍ୱନାଥ ମହାନ୍ତ, ତ୍ରିଲୋଚନ ମହାନ୍ତ, ଦୁର୍ଯ୍ୟୋଧନ ମହାନ୍ତ, ଡମ୍ବରୁଧର ମହାନ୍ତ ଓ ଟୁନା ପ୍ରମୁଖ ହରିଣଟିକୁ ଉଦ୍ଧାର କରି ବନ ବିଭାଗକୁ ଖବର ଦେଇଥିଲେ।

## ନାବାଳିକାଙ୍କୁ ବଳାତ୍କାର: ଯୁବକ କୋର୍ଟ ଚାଲାଣ

ଠାକୁରମୁଣ୍ଡା,୧୭ (ଡି.ଏନ.ଏ.): ମୟୂରଭଞ୍ଜ ଜିଲା ମହୁଲଡ଼ିହା ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ପ୍ରକାଶ ଯେ, ଯୁବକ ଜଣକ ପଡ଼ୋଶୀ ଉକ୍ତ ନାବାଳିକାଙ୍କୁ ଟିୟୁସନ ପଢ଼ାଉଥିବା ବେଳେ ତାଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ନାବାଳିକାଙ୍କ ସହିତ ଯୁବକ ଜଣକ ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣା କରିଥିବା ନେଇ ପୀଡ଼ିତା ଗତ ୨୭ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୪୫/୨୧) ରୁଜୁ କରି ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଛି।

## ୩ ନାଗ ଛୁଆ ଉଦ୍ଧାର

ବାରିପଦା ଅଫିସ, ୧୭: ମୟୂରଭଞ୍ଜ ଜିଲା ଯଶିପୁର ପ୍ରାଣୀ ଚିକିତ୍ସା କେନ୍ଦ୍ରରୁ ୩ ନାଗଛୁଆ ଉଦ୍ଧାର ହୋଇଛି। ଗୁରୁବାର ସକାଳେ ପ୍ରାଣୀ ଚିକିତ୍ସକଙ୍କ କାର୍ଯ୍ୟାଳୟ ଭିତରେ ନାଗ ଛୁଆ ଦେଖିବାକୁ ମିଳିଥିଲା। ଖବରପାଇ ସ୍ନେକ ହେଲ୍ପ ଲାଇନର କାର୍ଯ୍ୟକର୍ତ୍ତା ପହଞ୍ଚି ସାପ ଛୁଆଗୁଡ଼ିକୁ ଉଦ୍ଧାର କରି ଶିମିଳିପାଳ ଅଭୟାରଣ୍ୟରେ ଛାଡ଼ି ଦେଇଥିବା ସୂଚନା ମିଳିଛି।

## ଦୁର୍ଯ୍ୟୋଧନ ହେଲେ ବ୍ଲକ ବିଜେଡି ମିଡିଆ ସଂଯୋଜକ

ଭଣ୍ଡାରିପୋଖରୀ,୧୭(ଡି.ଏନ.ଏ): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ବିଜେଡି ମିଡିଆ ସଂଯୋଜକ ଭାବେ ଖବରଦାତା ଦୁର୍ଯ୍ୟୋଧନ ଲେଙ୍କାଙ୍କୁ ନିଯୁକ୍ତି ଦିଆଯାଇଛି। ବିଧାୟକ ପ୍ରତିନିଧି ଇଂ. ପ୍ରୟାସକାନ୍ତି ସାମଲ ଏ ନେଇ ଘୋଷଣା କରିଛନ୍ତି।

## ଏନ୍‌ଏଚ ଅବରୋଧ

କେନ୍ଦୁଝର/ପାଟଣା,୧୭ (ସ୍ୱ.ପ୍ର.): ଭାରତୀୟ ଜନତା ପାର୍ଟି କୃଷକ ମୋର୍ଚ୍ଚା ତରଫରୁ ବାଉଁଶୁଳି ଛକ ଠାରେ ରାଜ୍ୟ ସରକାରଙ୍କ କୃଷି ମାରଣ ନୀତି ନେଇ ୪୯ ନମ୍ବର ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ରାସ୍ତା ଜାମରେ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ,ପୂର୍ବତନ ଜିଲ୍ଲା ସଭାପତି ରାଧାକାନ୍ତ ମହାନ୍ତ, ଖିରେଇଟାଙ୍ଗିରି ମଣ୍ଡଳ ସଭାପତି ମହେନ୍ଦ୍ର ନାଏକ, ଉଖୁଣ୍ଡା ମଣ୍ଡଳ ସଭାପତି ଲକ୍ଷଣ କୁମାର ରାଉତ, ଖିରେଇଟାଙ୍ଗିରି ସରପଞ୍ଚ ବନୋଜ କୁମାର ନାୟକ, ପୂର୍ବତନ ଜିଲା ସାଧାରଣ ସମ୍ପାଦକ ସୁବ୍ରତ କୁମାର ମହାନ୍ତି, ଯୁବ ନେତା ଅସିତ ନନ୍ଦନ ମହାନ୍ତି, ଚାଷୀ ନେତା ରଇଦାସ ମହାନ୍ତଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

# ଦୁର୍ଯ୍ୟୋଧନଙ୍କ ଦୁଃଖ ସରୁନି

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର, ୧୭

■୭୦ ବର୍ଷରେ ଟାଣୁଛନ୍ତି ଟ୍ରଲି
■ଭଡ଼ାକୁ କରିଛନ୍ତି ଅପେକ୍ଷା

ଯେଉଁ ବୟସରେ ସାଧାରଣ ଲୋକ ଘରେ ବସି ରୁହନ୍ତି। ସେହି ବୟସରେ ସଦର ବ୍ଲକ ଡିମ୍ବୋ ଗ୍ରାମର ଦୁର୍ଯ୍ୟୋଧନ ନାଏକ ଟ୍ରଲି ଟାଣି ରୋଜଗାର କରୁଛନ୍ତି। କରୋନା ସମୟରେ ଲୋକ ମାନେ ପଦାକୁ ବାହାରୁ ନ ଥିବା ବେଳେ ଦୁର୍ଯ୍ୟୋଧନ ଲୋକଙ୍କ ପାଇଁ ଫଳ ଓ ଅନ୍ୟାନ୍ୟ ସାମଗ୍ରୀ ଗୋଦାମରୁ ଦୋକାନକୁ ବୋହି ସେବା କରୁଛନ୍ତି, ଯାହାକି ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ସାଜିଛନ୍ତି। ବୟସ ଜଣାନାହିଁ କିନ୍ତୁ ପରିଚୟପତ୍ରରୁ ବୟସ ପାଖାପାଖି ୭୦ ।

କରୋନା ପ୍ରତି ଭୟ ଅଛି । କିନ୍ତୁ ଘରେ ବସି କଣ କରିବି । ଏଣୁ କଠିନ ପରିଶ୍ରମ ହେଲେ ମଧ୍ୟ ଟ୍ରଲି ଟାଣି ଚଳୁଛି ବୋଲି ସେ କହିଛନ୍ତି। ଆଗରୁ ଦିନକୁ ୩୦୦ରୁ ୪୦୦ ଟଙ୍କା ପ୍ରତ୍ୟେକ ଦିନ ରୋଜଗାର କରୁଥିବା ଦୁର୍ଯ୍ୟୋଧନ ଏବେ କରୋନା ପାଇଁ ଦିନକୁ ୫୦ରୁ ୧୦୦ ଟଙ୍କା ରୋଜଗାର କରୁଛନ୍ତି। ଦୁର୍ଯ୍ୟୋଧନ କୁହନ୍ତି, ସେ ସ୍ଥାନୀୟ ପୌରପାଳିକା ଅଫିସରେ ୮ ବର୍ଷ ଧରି ପିଅନ ଚାକିରି କରିଥିଲେ। ସେ ସମୟରେ ବିଭିନ୍ନ ଗେଟ୍‌ରେ ଡ୍ୟୁଟି କରୁଥିଲେ। ସେତେବେଳେ ୭୫ ଟଙ୍କା ଦରମା ପାଉଥିଲେ ବି ଖୁସିରେ ଚଳୁଥିଲେ। ତାଙ୍କର ବିବାହ ହେବା ପରେ ଦୂରକୁ ବଦଳି କରିଦେବାରୁ ସେ ଚାକିରି ଛାଡ଼ି ଦେଇଥିଲେ। ବର୍ଷେ ଦୁଇବର୍ଷ ଏଣେତେଣେ ବୁଲିବା ପରେ ରିକ୍ସା ଚଳାଇ ପରିବାର ପ୍ରତିପୋଷଣ କରୁଥିଲେ। ୩ ଝିଅଙ୍କ ବିବାହ କରାଇ ଦେଇଛନ୍ତି। ସାନ ଝିଅ ବିବାହ ପରେ ସ୍ତ୍ରୀଙ୍କ ଦେହାନ୍ତ ହୋଇଥିଲା। ତା'ପରଠୁ ଘରେ ଏକୁଟିଆ ରହୁଛନ୍ତି। ରାଶନ ସାମଗ୍ରୀ ପାଉଛନ୍ତି। କିନ୍ତୁ ସେଥିରେ କ'ଣ ଖାଇ ଚଳିହେବ। ଏଣୁ ଘରେ ବସିବା ବଦଳରେ କିଛି ରୋଜଗାର କରିବା ପାଇଁ ଟ୍ରଲି ଚଳାଉଛନ୍ତି। ତେବେ ଅଦ୍ୟାବଧି ଭଡ଼ା ମିଳି ନ ଥିବାରୁ ସେ ଦୁଃଖ ପ୍ରକାଶ କରିଛନ୍ତି। କଷ୍ଟ ଲାଗୁଛି। ଖରା, ବର୍ଷାରେ କାମ କରିବାକୁ ପଡ଼ୁଛି।



ଟ୍ରଲି ସହ ଦୁର୍ଯ୍ୟୋଧନ।

ନ ଖଟିଲେ ଟଙ୍କା କେଉଁଠୁ ମିଳିବ। ତେବେ ଭଡ଼ା ଟଙ୍କା ମିଳିଲେ କାମରୁ ଟିକେ ବିଶ୍ରାମ ନେବା ପାଇଁ ଭାବୁଛନ୍ତି ବୋଲି ସେ କହିଛନ୍ତି। ସରକାର ବାର୍ଦ୍ଧକ୍ୟ ଭତ୍ତା ବ୍ୟବସ୍ଥା କରିଥିବା ବେଳେ ଦୁର୍ଯ୍ୟୋଧନଙ୍କୁ ଏଯାଏ ମିଳିନାହିଁ। ଏଣୁ ତୁରନ୍ତ ତାଙ୍କର ଭତ୍ତା ବ୍ୟବସ୍ଥା କରାଯିବାକୁ ସେ ନିବେଦନ କରିଛନ୍ତି।

## ଭଦ୍ରକରେ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଉଦ୍‌ଘାଟିତ

ଭଦ୍ରକ ଅଫିସ, ୧୭

ନାବାଳିକା ଯୌନ ନିର୍ଯାତନା ମାମଲାର ତ୍ୱରିତ ବିଚାର ପାଇଁ ଭଦ୍ରକର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ ଏସ୍. ମୁରଲୀଧର ଭର୍ଚୁଆଲରେ ଉଦ୍‌ଘାଟନ କରିଛନ୍ତି। ମିନତି କୁମାରୀ ପଣ୍ଡାଙ୍କୁ ବିଚାରପତି ଭାବେ ନିଯୁକ୍ତି ଦିଆଯାଇଛି। ଉଦ୍‌ଘାଟନୀ ସମାରୋହରେ ଭଦ୍ରକ ଜିଲା ଜଜ୍ ଶିଶିର କୁମାର ରଥ, ପରିବାର ଅଦାଲତ ଜଜ୍ ବିକ୍ରମ କୁମାର ପ୍ରଧାନ, ଅତିରିକ୍ତ ଜିଲା ଜଜ୍ ପ୍ରଣତି ସାହା, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦେବଦତ୍ତ ପଟ୍ଟନାୟକ, ଜଜ୍ ହିମାଂଶୁ ଶେଖର ବିଶ୍ୱାଳ, ଅବିନାଶ ଚିନ୍ନାରା, ସହକାରୀ ବରିଷ୍ଠ ଦେୱାନୀ ଜଜ୍ ଶର୍ମିଷ୍ଠା ଦାସ, ଏସ୍‌ଡିଜେମ୍ ଅଳକାନନ୍ଦା ମହାନ୍ତି, ନୀଳିମା ଷଡ଼ଙ୍ଗୀ, ସ୍ୱର୍ଣ୍ଣପ୍ରଭା ସ୍ୱାଇଁ, ପ୍ରଜ୍ଞା ପରମିତା ମହାନ୍ତି, ରିତିକା ଜେନା, ଭଦ୍ରକ ଓକିଲ ସଂଘ ସଭାପତି ଦିଲୀପ ମହାପାତ୍ର, ସମ୍ପାଦକ ଜିତେନ୍ଦ୍ର ପଣ୍ଡା, ଆଇନଜୀବୀ ନିରାକାର ଜେନା, ବସନ୍ତ ଦାସ, ରାୟରାମାନନ୍ଦ ମହାପାତ୍ର, ପର୍ଶୁରାମ ଦ୍ୱିବେଦୀ, ଗଦାଧର ବଳ, ସଞ୍ଜୟ ମାଝୀ, ଗିରିଧାରୀ ନାଥ, ନିଶିକାନ୍ତ ନାୟକ ପ୍ରମୁଖଙ୍କ ସହ ଉକ୍ତ କୋର୍ଟରେ ସ୍ୱତନ୍ତ୍ର ସରକାରୀ ଓକିଲ ମନୋରଞ୍ଜନ ଦାସ ଉପସ୍ଥିତ ଥିଲେ।

## ଚାରାରୋପଣ କଲେ ବିଧାୟକ

ବାସୁଦେବପୁର,୧୭ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ପରିସରରେ ଗୁରୁବାର ଅପରାହ୍ନରେ ବନ୍ୟପ୍ରାଣୀ ବିଭାଗ ଆନୁକୂଲ୍ୟରେ ୭୨ତମ ବନ ମହୋତ୍ସବ ସପ୍ତାହ ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ଗଛ ଲଗାଇଥିଲେ। ରେଞ୍ଜର ସୁଶାନ୍ତ ମହାନ୍ତି, ଫରେଷ୍ଟର ଜନାର୍ଦ୍ଦନ ମିଶ୍ର, ପ୍ରକାଶ ଦାସ, ବିମଳା ମଲିକ, ଭୀମଚରଣ ମାରାଣ୍ଡି, ପ୍ରଧାନ ଶିକ୍ଷକ ଯାମିନୀକାନ୍ତ ପାଢ଼ୀ, ବିଧାୟକ ପ୍ରତିନିଧି ଅସିତ ଦାଶ, ସରପଞ୍ଚ ଦୀନବନ୍ଧୁ ଦାସ, କାଉନସିଲର ମାନସ ସାହୁ, ଶ୍ୟାମସୁନ୍ଦର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱୟଂସହାୟକ ଗୋଷ୍ଠୀ କରିବେ ମାଛଚାଷ



ପଞ୍ଚାୟତ କାର୍ଯ୍ୟାଳୟରେ ନିଲାମ ବେଳେ ଉପସ୍ଥିତ ପ୍ରଶାସନିକ ଅଧିକାରୀ।

ରୂପସା,୧୭ (ଡି.ଏନ.ଏ.)

**୨୯ ଲକ୍ଷରେ ବିଦ୍ୟାଧର ପୋଖରୀ ନିଲାମ**

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ ରାଉତପଡ଼ା ପଞ୍ଚାୟତର ପ୍ରସିଦ୍ଧ ବିଦ୍ୟାଧର ପୋଖରୀକୁ ଗୁରୁବାର ନିଲାମ କରାଯାଇଛି। ୧୦ ବର୍ଷ ପରେ ଏହି ନିଲାମ ହୋଇଥିବାରୁ ସାଧାରଣରେ ଆଶ୍ୱସ୍ତି ଦେଇଛି। ପଞ୍ଚାୟତ କାର୍ଯ୍ୟାଳୟରେ ୩ ବର୍ଷ ପାଇଁ ୧୭ ଏକର ବିଶିଷ୍ଟ ଏହି ପୋଖରୀକୁ ନିଲାମ ପାଇଁ ସରକାରୀ ରାଶି ୧୦,୭୪,୬୦୦ ଟଙ୍କା ଧାର୍ଯ୍ୟ ରହିଥିଲା। ଏବିଡିଓ ଅଜୟ କୁମାର ଦେହୁରୀ, ଜିପିଇଓ ଅଞ୍ଜନ କୁମାର ପାଣିଗ୍ରାହୀ, ସରପଞ୍ଚ ମାୟାଧର ମଣି, କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ସେଠୀ, ଜିଆର୍‌ଏସ୍ ମଧୁସୂଦନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଧାର୍ଯ୍ୟ ନିଲାମ ରାଶିର ୧୦ ପ୍ରତିଶତ ଅର୍ଥ ଜମା କରି ୮ ଜଣ ନିଲାମଧାରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଶେଷରେ ପ୍ରଫୁଲ୍ଲ ଦାସଙ୍କ ୨୯ ଲକ୍ଷ ଟଙ୍କା ଡାକକୁ ଅତିକ୍ରମ କରି ଓମ୍ ସାଇରାମ ସ୍ୱୟଂସହାୟକ ଗୋଷ୍ଠୀର ସଭାନେତ୍ରୀ ସୁମତୀ ସାହୁଙ୍କ ନାମରେ ୨୯ ଲକ୍ଷ ୧ ହଜାର ଟଙ୍କାରେ ନିଲାମ ବିଟ୍ ହୋଇଛି। ଏହି ଗୋଷ୍ଠୀ ପକ୍ଷରୁ ଉକ୍ତ ପୋଖରୀରେ ମାଛ ଚାଷ କରାଯିବ। ସୂଚନାଯୋଗ୍ୟ, ୨୦୧୧ ନିଲାମ ପରଠାରୁ ବିଭିନ୍ନ କାରଣ ଦର୍ଶାଇ ଅବଧି ବୃଦ୍ଧିକୁ ନେଇ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା।

## ୨୩,୯୮୪ ଶିଶୁଙ୍କୁ ଦିଆଯିବ ନିମୋନିଆ ପ୍ରତିଷେଧକ ଟିକା

ଭଦ୍ରକ ଅଫିସ,୧୭

ରାଜ୍ୟ ସରକାର ନିମୋନିଆ ପ୍ରତିଷେଧକ ଟିକାକରଣ କାର୍ଯ୍ୟକ୍ରମ ନିୟମିତ ଟିକାକରଣରେ ସାମିଲ କରିଛନ୍ତି। ବୁଧବାର ପ୍ରଥମଥର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ଭର୍ଚୁଆଲରେ ଏହାର ଶୁଭାରମ୍ଭ କରିଛନ୍ତି। ପ୍ରତି ଶିଶୁଙ୍କୁ ୩ ଡୋଜ୍ ଟିକା ପ୍ରଦାନ କରାଯିବ। ଭଦ୍ରକ ଜିଲାରେ ମୋଟ ୨୩,୯୮୪ ଶିଶୁ ଟିକାକରଣ କାର୍ଯ୍ୟରେ ସାମିଲ ହେବେ ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଭଦ୍ରକ କୁଆଁସ ସ୍ଥିତ ମାତୃମଙ୍ଗଳ କେନ୍ଦ୍ର ପରିସରରେ ଅନୁଷ୍ଠିତ ଭର୍ଚୁଆଲ ସଭାରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକଙ୍କ ପ୍ରତିନିଧି ଇଂ. ପ୍ରୟାସକାନ୍ତି ସାମଲ, ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସାଇ ମନ୍ଦିରରୁ ଚୋରି

ରେମୁଣା,୧୭ (ଡି.ଏନ.ଏ.)

ବାଲେଶ୍ୱର ଜିଲା ରେମୁଣା ଥାନା ଅଧୀନ ରେମୁଣା କ୍ଷୀରଚୋରା ରାସ୍ତାର ରୁଦ୍ରପୁରଠାରେ ଥିବା ସାଇ ମନ୍ଦିର ତାଲା ଭାଙ୍ଗି ବୁଧବାର ରାତିରେ ଚୋରି ହୋଇଛି। ସେହିପରି ଉକ୍ତ ରାସ୍ତାର ଗୌଡ଼ଦାଣ୍ଡ ନିକଟରେ ଥିବା ମାଉସୀମା ମନ୍ଦିରର ତାଲା ଭଙ୍ଗାଯାଇଛି। ସାଇ ମନ୍ଦିରର ବିଭିନ୍ନ ଆସବାବପତ୍ର ସହ ହୁଣ୍ଡି ଭାଙ୍ଗି ଟଙ୍କା ଚୋରି ହୋଇଥିବା ନେଇ ପୂଜକ ଥାନାରେ ଏତଲା ଦେଇଛନ୍ତି। ହୁଣ୍ଡି ଟଙ୍କା ଆନୁମାନିକ ୨୫ ହଜାର ହେବ ବୋଲି ଦର୍ଶାଯାଇଛି। ସେହିପରି ମାଉସୀମା ମନ୍ଦିରର ୪ଟି ତାଲା ଭଙ୍ଗା ଯାଇଥିବା ବେଳେ ମୁଖ୍ୟ ମନ୍ଦିର ତାଲା ଭାଙ୍ଗିନାହିଁ। ମନ୍ଦିର ନିକଟ ଘର ଲୋକ ଉଠିପଡ଼ିବାରୁ ଚୋରମାନେ ଖସି ପଳାଇଥିଲେ।

## ୫ହେକ୍ଟର ଜଙ୍ଗଲ ଜମିରେ ୮ହଜାର ଚାରାରୋପଣ ଲକ୍ଷ୍ୟ



ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଚାରାରୋପଣ କରୁଛନ୍ତି।

ଖଇରା,୧୭(ଡି.ଏନ.ଏ)

ବାଲେଶ୍ୱର ଜିଲା ଖଇରା ତହସିଲ ହରିପୁର ପଞ୍ଚାୟତ ଅଧୀନ ଶାରିଶୁଆ ପାଦଦେଶର ଓସ୍ତପାଳ ଗ୍ରାମ ନିକଟସ୍ଥ ୫ହେକ୍ଟର ଜଙ୍ଗଲ ଜମିରେ କାମ୍ପା ଯୋଜନାରେ ୮ହଜାର ବୃକ୍ଷରୋପଣ କାର୍ଯ୍ୟ ବନ ବିଭାଗ ହାତକୁ ନେଇଛି। ୭୨ତମ ବନ ମହୋତ୍ସବ ପାଳନ ଅବସରରେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ବିଶିଷ୍ଟ ଅତିଥିଭାବେ ଯୋଗ ଦେଇ ଲିମ୍ବ ଗଛ ରୋପଣ କରି ଚାରା ରୋପଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଗୁରୁବାର ଅପରାହ୍ନରେ ମନ୍ତ୍ରୀଙ୍କ ସହ ଡିଏଫଓ ବିଶ୍ୱରାଜ ପଣ୍ଡା, ରେଞ୍ଜର ବବିତା ସୋରେନ, ଫରେଷ୍ଟର ସୌମ୍ୟରଞ୍ଜନ ମାଝି, ଖଇରା ବିଡିଓ ପର୍ଶୁରାମ ପଣ୍ଡା, ଖଇରା ଥାନା ଏସ୍‌ଆଇ ସୁଜାତା ମଲ୍ଲିକ ପ୍ରମୁଖ ଯୋଗଦେଇ ପ୍ରତ୍ୟେକ ଗୋଟିଏ ଗୋଟିଏ ଗଛ ଲଗାଇ ପରିବେଶ ପ୍ରତି ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରିଥିଲେ। ବନରକ୍ଷୀ ସଞ୍ଜୟ କୁମାର ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶାରିଶୁଆ ପାହାଡ଼ ସୌନ୍ଦର୍ଯ୍ୟକରଣରେ ଏହି ବୃକ୍ଷରୋପଣ ଫଳପଦ ହୋଇ ପାରିବ ବୋଲି ମନ୍ତ୍ରୀ ପାଣିଗ୍ରାହୀଙ୍କ ସହ ଅନ୍ୟ ଅଧିକାରୀମାନେ ପ୍ରକାଶ କରିଥିଲେ।

## ଲଳିତ କଳା ଏକାଡେମୀ ଚିତ୍ରକଳା କର୍ମଶାଳାରେ ଶିଳ୍ପୀ କେଶୁ ଦାସ

ବାଲେଶ୍ୱର ଅଫିସ, ୧୭

କରୋନା କାଳରେ ଓଡ଼ିଆ ଚିତ୍ରଶିଳ୍ପୀମାନଙ୍କୁ ଉତ୍ସାହିତ କରିବା ପାଇଁ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ଓଡ଼ିଶା ଲଳିତ କଳା ଏକାଡେମୀ, ଭୁବନେଶ୍ୱର ଦ୍ୱାରା ଆୟୋଜିତ ଅନଲାଇନ ଚିତ୍ର କର୍ମଶାଳାକୁ ରେମୁଣା କୋଶମ୍ବ ନଗରର ଶିଳ୍ପୀ କେଶୁଦାସ ମନୋନୀତ ହୋଇଛନ୍ତି। କର୍ମଶାଳାକୁ ଓଡ଼ିଶାର ସଂସ୍କୃତିମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ବୁଧବାର ପୂର୍ବାହ୍ନ ୧୧ଟାରେ ଭର୍ଚୁଆଲରେ ଉଦଘାଟନ କରିଥିଲେ। ଏଥିରେ ଲଳିତ କଳା ଏକାଡେମୀର ସଚିବ ପଞ୍ଚାନନ ସାମଲ ଜୁମ ମିଟିଂକୁ ପରିଚାଳନା କରିଥିବା ବେଳେ ସଂସ୍କୃତି ବିଭାଗର ସଚିବ ବିଷ୍ଣୁପଦ ସେଠୀ, ଏକାଡେମୀ ସଭାପତି ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକ, ଉପସଭାପତି ଶ୍ରୀନିବାସ ପଡିଆରୀ ଯୋଗଦେଇ କର୍ମଶାଳା ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏହି କର୍ମଶାଳା ୪ ଜୁଲାଇ ପର୍ଯ୍ୟନ୍ତ ଚିତ୍ରଶିଳ୍ପୀ ନିଜ ବାସଭବନରେ ରହି ଚିତ୍ର ଆଙ୍କିବେ। ସବୁଦିନ ସକାଳ ଓ ସନ୍ଧ୍ୟାରେ ଶିଳ୍ପୀ ଚିତ୍ର ଆଙ୍କୁଥିବାର ଫଟୋ ଓ ଭିଡ଼ିଓ ଉଠାଇ ଏକାଡେମୀକୁ ପଠାଇବେ । କର୍ମଶାଳା ପରେ ସମ୍ପୂର୍ଣ୍ଣ ପେଣ୍ଟିଂକୁ ନେଇ ଲଳିତ କଳା ଏକାଡେମୀ, ଭୁବନେଶ୍ୱରରେ ପଠାଇ କରିବାକୁ ପଡ଼ିବ। ସାରା ଓଡ଼ିଶାରୁ ୬୦୦ରୁ ଊର୍ଦ୍ଧ୍ୱ ଆବେଦନକାରୀ ଶିଳ୍ପୀ ମଧ୍ୟରୁ ୧୦୦ ଜଣଙ୍କୁ ମନୋନୀତ କରି କର୍ମଶାଳାରେ ଯୋଗଦେବା ପାଇଁ ସ୍ୱୀକୃତି ଦେଇଛନ୍ତି । ସମସ୍ତେ 'ଶ୍ରୀଜଗନ୍ନାଥ ଓ ରଥଯାତ୍ରା' ବିଷୟବସ୍ତୁ ଉପରେ ପେଣ୍ଟିଂ କରିବେ। ଏହି ଭର୍ଚୁଆଲ ଉଦ୍‌ଘାଟନୀ ସଭାରେ ୧୧୫ ଜଣ ଅଂଶଗ୍ରହଣ କରିଥିବା ବେଳେ ମନସ୍ୱିନୀ ସାହୁ ଧନ୍ୟବାଦ ଦେଇଥିଲେ ।

## ୨୮ ଦିବ୍ୟାଙ୍ଗଙ୍କୁ ଆର୍ଥିକ ସହାୟତା

ବନ୍ତ,୧୭(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକର ୨୮ ଦିବ୍ୟାଙ୍ଗଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ସହ ଆତ୍ମନିର୍ଭରଶୀଳ ହେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୨୩ ଜଣଙ୍କୁ ପ୍ରଥମ କିସ୍ତି ବାବଦ ୧୦ ହଜାର ଓ ୫ ଜଣଙ୍କୁ ୨ୟ କିସ୍ତି ବାବଦ ୧୦ ହଜାର ଲେଖାଏ ଟଙ୍କା ପ୍ରଦାନ କରାଯାଇଛି। ଏହି ସହାୟତା ରାଶିରେ ଦିବ୍ୟାଙ୍ଗମାନେ ବିଭିନ୍ନ ବ୍ୟାବସାୟ କରି ଆତ୍ମନିର୍ଭରଶୀଳ ହେବେ ବୋଲି ଜଣାଯାଇଛି।

## 'ପରିବେଶ ସନ୍ତୁଳନ ଲାଗି ବନୀକରଣ ଏକମାତ୍ର ବିକଳ୍ପ'

ବାରିପଦା ଅଫିସ,୧୭

**୧୯ଲକ୍ଷ ଚାରା ରୋପଣ ଲକ୍ଷ୍ୟ**

ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ ଆନୁକୂଲ୍ୟରେ ବେଲଗଡ଼ିଆସ୍ଥିତ ଅଗ୍ନିଶମ କେନ୍ଦ୍ର ପରିସରରେ ବନମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନଖଣ୍ଡ ଅଧିକାରୀ ସନ୍ତୋଷ ଯୋଶୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାରାରୋପଣ ଓ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲାପାଳ ବିନୀତ ଭରଦ୍ୱାଜ, ଏସ୍‌ପି ପରମାର ସ୍ମିଥ୍ ପୁରୁଷୋତ୍ତମ ଦାସ, ପିଡି ଡିଆରଡିଏ ପି.ଅନ୍ୱେଷା ରେଡ୍ଡି, ଉପ ଜିଲାପାଳ ଅନ୍ୟା ଦାସ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ର ପରିସରରେ ବୃକ୍ଷ ରୋପଣ କରିଥିଲେ। ପରିବେଶ ସନ୍ତୁଳନ ବଜାୟ ରଖିବା ପାଇଁ ବୃକ୍ଷ ରୋପଣ ତଥା ବନୀକରଣ ଏକମାତ୍ର ବିକଳ୍ପ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ବାରିପଦା ବନଖଣ୍ଡ ଅଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଚାରା ବଣ୍ଟନ କେନ୍ଦ୍ରକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଚଳିତ ବର୍ଷ ବାରିପଦା ବନଖଣ୍ଡ ଅଧୀନରେ ୧୯ଲକ୍ଷ ଚାରା ରୋପଣ ହେବ ବୋଲି ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ବନଖଣ୍ଡ ଅଧୀନରେ ଥିବା ବାରିପଦା, ବେତନଟୀ, ରାସଗୋବିନ୍ଦପୁର, ଦେଉଳି, ବାଙ୍ଗିରିପୋଷି, ଉଦଳା ଓ କପ୍ତିପଦା ବନାଞ୍ଚଳରେ ବିଭାଗ ପକ୍ଷରୁ ଖାଲି ପଡ଼ିଥିବା ୯୪୭ହେକ୍ଟର ଜମିରେ ୬ଲକ୍ଷ ୬ହଜାର ଚାରା ରୋପଣ କରାଯିବ। ସେହିପରି ବିଭିନ୍ନ ସଙ୍ଗଠନ, ଅନୁଷ୍ଠାନ ଓ ଜନସାଧାରଣଙ୍କୁ ୧୨ଲକ୍ଷ ୯୦ହଜାର ଚାରା ବଣ୍ଟନର ଲକ୍ଷ୍ୟ ରଖାଯାଇଛି। ଜିଲା ଅତିରିକ୍ତ ଅଗ୍ନିଶମ ଅଧିକାରୀ ଭବେନ୍ଦ୍ର ନାଥ ଦେ ଧନ୍ୟବାଦ ଅର୍ପଣ କରିଥିଲେ।



ଚାରା ବଣ୍ଟନ କେନ୍ଦ୍ର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଜିଲାପାଳ ବିନୀତ ଭରଦ୍ୱାଜ ଓ ଅନ୍ୟମାନେ।

## ଟାଟାଷ୍ଟିଲ ପକ୍ଷରୁ ନୈତିକତା ମାସ

ଯୋଡା,୧୭(ଡି.ଏନ.ଏ.)

ଟାଟାଷ୍ଟିଲ ପକ୍ଷରୁ ଯୋଡ଼ାଠାରେ ଗୁରୁବାର ନୈତିକତା ମାସ ପାଳନର ଶୁଭାରମ୍ଭ କରାଯାଇଛି । କୋଭିଡ-୧୯ ପରିସ୍ଥିତିକୁ ଦୃଷ୍ଟିରେ ରଖି ଯୋଡ଼ା ଟାଟାଷ୍ଟିଲ ମୁଖ୍ୟ ରାଜଶ କୁମାରଙ୍କ ନେତୃତ୍ୱରେ ଏକ ଅନଲାଇନ ଅଧିବେଶନରେ ଏହି ମାସିକିଆ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ସହାନୁଭୂତି ଓ ଦୟା ଭାବନା ଦ୍ୱାରା ନମନୀୟତାକୁ ଚଳିତ ବର୍ଷର ବିଷୟବସ୍ତୁ ଭାବେ ରଖାଯାଇଛି । ଏହି ଅଧିବେଶନରେ କର୍ମଚାରୀମାନେ ନୈତିକତା ଶପଥ ମାଧ୍ୟମରେ କମ୍ପାନୀର ନୈତିକତା ମୂଲ୍ୟବୋଧ ପ୍ରତି ନିଜର ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଛନ୍ତି। ଏହି କାର୍ଯ୍ୟକ୍ରମ ଗୁଡିକ ସହିତ କର୍ମଚାରୀଙ୍କ ମଧ୍ୟରେ ନୈତିକତା ମୂଲ୍ୟବୋଧକୁ ଅଧିକ ସୁଦୃଢ଼ କରିବା ପାଇଁ ଅନଲାଇନ ସଚେତନତା ଅଧିବେଶନ, ୱେବିନାର ଓ ଆଲୋଚନାଚକ୍ର ଆୟୋଜନ କରାଯିବ ବୋଲି ଟାଟାଷ୍ଟିଲ କର୍ପୋରେଟ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ୪ ସଦସ୍ୟ ଏବେ ଅସହାୟ

**ରୋଗଶଯ୍ୟାରେ ପରିବାର ମୁଖ୍ୟ**

ବାଲେଶ୍ୱର ଅଫିସ, ୧୭

ବାଲେଶ୍ୱର ଜିଲା ବସ୍ତା ବ୍ଲକ ନଳବାହାର ଅଞ୍ଚଳ ଦୁଧହଂସା ଗ୍ରାମର ରମେଶ ରାଉତ (୪୭) ବର୍ଷେ ହେଲା ରୋଗ ଶଯ୍ୟାରେ। ତାଙ୍କ ବିଧବା ମା', ସ୍ତ୍ରୀ ଓ ଦୁଇପୁଅ ରମେଶଙ୍କ ଚିକିତ୍ସା ପାଇଁ ଅର୍ଥ ଖର୍ଚ୍ଚ କରି ଅସହାୟ ହୋଇପଡ଼ିଛନ୍ତି। ମସ୍ତିଷ୍କ ଓ ଫୁସ୍‌ଫୁସ୍ କର୍କଟରେ ଆକ୍ରାନ୍ତ ହୋଇଥିବା ଚିହ୍ନଟ ହେବା ପରେ ଡାକ୍ତର ତାଙ୍କୁ ମୁମ୍ବାଇରେ ଥିବା ଟାଟା ମେମୋରିଆଲ ହସ୍‌ପିଟାଲକୁ ନେବା ଲାଗି ପରାମର୍ଶ ଦେଇଥିଲେ। ହେଲେ ଅର୍ଥ ଅଭାବରୁ ରମେଶଙ୍କ ଉପଯୁକ୍ତ ଚିକିତ୍ସା ହୋଇପାରୁନାହିଁ।

ରମେଶ ଜଣେ ଦିନମଜୁରିଆ ଓ ଭାଗଚାଷୀ। ଚାଷବାସ କରି ସେ ପରିବାର ଚଳାଉଥିଲେ। ବଡ଼ପୁଅ ଯୁକ୍ତ ୨ ଓ ସାନପୁଅ ୧୦ମ ଶ୍ରେଣୀ ପାଠ ପଢ଼ିଛନ୍ତି। କିଛିଦିନ ପୂର୍ବରୁ ତାଙ୍କ ମୁଣ୍ଡରେ ଅସହ୍ୟ ଯନ୍ତ୍ରଣା ଏବଂ ବାନ୍ତି ହେବାରୁ



ରୋଗଗ୍ରସ୍ତ ରମେଶ ଓ ପରିବାର।

ପରିବାର ଲୋକେ ତାଙ୍କୁ ପ୍ରଥମେ ବସ୍ତା ହସ୍ପିଟାଲକୁ ନେଇଯାଇଥିଲେ। ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ସେଠାରେ ଡାକ୍ତର ବିଭିନ୍ନ ପରୀକ୍ଷା କରାଇଥିଲେ। ଶେଷରେ ସିଟି ସ୍କାନରୁ ମସ୍ତିଷ୍କ ଓ ଫୁସ୍‌ଫୁସ୍‌ରେ କର୍କଟ ହୋଇଥିବା ଜଣାପଡ଼ିଥିଲା। ଏହାପରେ ଡାକ୍ତର ତାଙ୍କୁ କଟକ ଏସ୍‌ସିବି ମେଡ଼ିକାଲ କଲେଜ ଏବଂ ହସ୍‌ପିଟାଲର ନ୍ୟୁରୋ ସର୍ଜରୀ ଓପିଡ଼ିକୁ ସ୍ଥାନାନ୍ତର କରିଥିଲେ। ଏସ୍‌ସିବିରେ ପୁଣି ଏମ୍‌ଆର୍‌ଆଇ କରାଯିବା ପରେ କ୍ୟାନ୍‌ସର ଉତ୍ତମ ଚିକିତ୍ସା ପାଇଁ ମୁମ୍ବାଇର ଟାଟା ମେମୋରିଆଲ ହସ୍‌ପିଟାଲକୁ ନେବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ସେଠାରେ ହେବାକୁ ଥିବା ଅପରେଶନ ପାଇଁ ଲକ୍ଷାଧିକ ଟଙ୍କା ଆବଶ୍ୟକ ଥିବାରୁ ଆର୍ଥିକ ସହାୟତା ଲାଗି ତାଙ୍କ ପରିବାର ଲୋକେ ନିବେଦନ କରିଛନ୍ତି।

